# ସତ୍ୟବାଣୀ

## THE VOICE OF TRUTH

Mar & April 1997

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth


CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722



**Vol. 2 Mar & April 1997 No. 2**

Published every two months in Oriya Language for the Restoration of pure New Testament Christianity



## ORIYA BIBLES

We supply Oriya Bibles at Rs. 35/- each and Rs. 15/- for postage. please send Rs. 50/- by M.O. if you are in need of Oriya Bibles to:

**SATYA VANI**

P.O. Box. 80, KAKINADA - 533 001.

# ସତ୍ୟ ବାଣୀ

# VOICE OF TRUTH

**8th issue** **March-April 1997**

## ଯୀଶୁଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ

ସୃଷ୍ଟିକର୍ତ୍ତା ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ । ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ତାହାଙ୍କ ଠାରେ ବାସ କରେ । ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ କହନ୍ତି, "କାରଣ ଖ୍ରୀଷ୍ଟଙ୍କ ଠାରେ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇ ବାସ କରେ (୨.୯) ଏବ୍ରୀ ପୁସ୍ତକ କର୍ତ୍ତା ଯୀଶୁଖ୍ରୀଷ୍ଟଙ୍କୁ ପିତା ପରମେଶ୍ୱରଙ୍କ 'ପ୍ରକୃତ ପ୍ରତିବିମ୍ବ' ରୂପେ ଆପଣା ଲେଖନରେ ପ୍ରକାଶ କରି ଅଛନ୍ତି । ସେ ସର୍ବଶକ୍ତିମାନ ଗୌରବମୟ ସଦାପ୍ରଭୁଙ୍କ ପ୍ରକୃତ ପ୍ରତିନିଧି ।

ପ୍ରକାଶିତ ବାକ୍ୟ ପୁସ୍ତକର ପ୍ରଥମ ତିନ ଅଧ୍ୟାୟରେ ଯୀଶୁଖ୍ରୀଷ୍ଟଙ୍କ ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯାଇ ଅଛି । ସେହି ବାକ୍ୟଗୁଡ଼ିକ ଧ୍ୟାନ କରିବା ଦ୍ୱାରା, ତାହାଙ୍କ ବିଷୟରେ ଅଧିକ ଜାଣିପାରିବା । ଆମ୍ଭମାନଙ୍କ ଆତ୍ମାର ରକ୍ଷକ ଯୀଶୁଖ୍ରୀଷ୍ଟ ଆପଣା ବିଷୟରେ ସେ କହନ୍ତି, "ଫିଲାଡେଲ୍‌ଫିଆ ମଣ୍ଡଳୀର ଦୂତ ନିକଟକୁ ଲେଖ, ଯେ ପବିତ୍ର ଓ ସତ୍ୟ, ଯାହାଙ୍କ ହସ୍ତରେ ଦାଉଦଙ୍କର କଞ୍ଚି ଅଛି, ଯେ ଫିଟାଇଲେ କେହି ବନ୍ଦ କରି ନପାରେ, ଆଉ ବନ୍ଦ କଲେ ଫିଟାଇ ନପାରେ ।" ଯୀଶୁଖ୍ରୀଷ୍ଟ ଏହି ବାକ୍ୟଦ୍ୱାରା ଆପଣା ପରିଚୟ ଏହିପରି ଦେଇ ଅଛନ୍ତି (୧) ସେ ପବିତ୍ର (୨) ସେ ସତ୍ୟ (୩) ତାହାଙ୍କ ହସ୍ତରେ ଦାଉଦଙ୍କ କଞ୍ଚି ଅଛି (୪) ଯେ ଫିଟାଇଲେ କେହି ବନ୍ଦ କରି ନପାରେ,

ଆଉ ବନ୍ଦ କଲେ ନିଂଶାଇ ପାରେ । ଯୀଶୁଖ୍ରୀଷ୍ଟଙ୍କ ଏହି ଗୁଣଟି ଗୁଣ ଆହୁରି ସୂକ୍ଷ୍ମରେ ବୁଝିବା—

୧) ସେ ପବିତ୍ର—ଏଠାରେ ହୋଇ ବା ପବିତ୍ରର ଅର୍ଥ ସେ ପରମେଶ୍ୱରଙ୍କ ପବିତ୍ର ବ୍ୟକ୍ତି ଅଟନ୍ତି । ତାହାଙ୍କ ପବିତ୍ରତା ସକାଶେ ସେ ଉପାସନୀୟ । ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱରଙ୍କ ରୂପେ ଉପାସନା କରିବାର ଆଠଟି ଘଟଣା ନୂତନ ନିୟମରେ ପଢ଼ିପାରୁ । ପ୍ରେରିତ ଯୋହନଙ୍କୁ ଈଶ୍ୱରଙ୍କ ବାକ୍ୟ ପ୍ରକାଶିତ ହେବା ସମୟରେ ସେ ଜଣେ ଦୂତଙ୍କୁ ପ୍ରଣାମ କରିବାକୁ ଉଦ୍ୟତ ହୁଅନ୍ତେ ସେ ଦୂତ ତାହାଙ୍କୁ ଅନୁରୋଧ କରି କହିଲେ, "ସାବଧାନ, ଏହା କରନାହିଁ, କାରଣ ମୁଁ ତୁମ୍ଭର, ତୁମ୍ଭର ଭ୍ରାତୃବୃନ୍ଦ ଭବିଷ୍ୟଦ୍‌ବକ୍ତାମାନଙ୍କର ଓ ଏହି ବାକ୍ୟ ପାଳନକାରୀମାନଙ୍କର ସହଦାସ, ଈଶ୍ୱରଙ୍କୁ ପ୍ରଣାମ କର ।" (ପ୍ରକାଶିତ ୨୨ ୯) ଏହି ବାକ୍ୟ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱରତ୍ୱ ପ୍ରମାଣ କରେ । ଦୂତମାନଙ୍କ ସଦୃଶ୍ୟ ମନୁଷ୍ୟମାନଙ୍କ ଦ୍ୱାରା ଉପାସିତ ହେବାକୁ ଇଚ୍ଛା କରନଥାନ୍ତି । ସମସ୍ତ ଗୌରବ ଓ ଆରାଧନାର ଅଧିକାରୀ ପରମେଶ୍ୱର ଅଟନ୍ତି । ଯୀଶୁଖ୍ରୀଷ୍ଟ ସେହି ମହାନ ଏକସତ୍ତ୍ୱର ଅଭିନ୍ନ ବ୍ୟକ୍ତି ହୋଇଥିବାରୁ ସେ ପୂଜନୀୟ ।

ପିତା ପରମେଶ୍ୱର ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପଠାଇବା ସମୟରେ ଆଜ୍ଞା ଦେଇ କହିଲେ "ଈଶ୍ୱରଙ୍କ ସମସ୍ତ ଦୂତ ତାହାଙ୍କୁ ପ୍ରଣାମ କରନ୍ତୁ ।" (ଏବ୍ରୀ ୧ : ୬) ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ସଦୃଶ୍ୟ ଈଶ୍ୱରଙ୍କ ସୃଷ୍ଟ ବ୍ୟକ୍ତି ନୁହନ୍ତି । କିନ୍ତୁ ସେ ନିଜେ ସୃଷ୍ଟିକର୍ତ୍ତା ଅଟନ୍ତି । ଏହାର ଆଉ ଗୋଟିଏ ପ୍ରମାଣ ଆମ୍ଭେମାନେ ଯୋହନଙ୍କ ସୁସମାଚାରର ପ୍ରଥମ ପଦରେ ପଢ଼ିପାରୁ । ଲେଖାଯାଏ "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱର ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ ।" (ଯୋହନ ୧ : ୧)

ପବିତ୍ରତାକୁ ତିନି ବିଭିନ୍ନ ସ୍ତରରେ ବର୍ଣ୍ଣନା କରାଯାଇଛି । ଯୀଶୁଙ୍କ ନିକଟରେ ଗ୍ରାହ୍ୟଯୋଗ୍ୟ ହେବା ନିମନ୍ତେ ଆମ୍ଭମାନଙ୍କୁ ଏହି ତିନି ପ୍ରକାର ସ୍ତରରେ ପବିତ୍ର ହେବା ଆବଶ୍ୟକ । ପ୍ରଥମେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆପଣା ଜୀବନ ପୃଥକୀକୃତ କରିବା ଆବଶ୍ୟକ । ଯୀଶୁ-

ଖ୍ରୀଷ୍ଟ ପରମେଶ୍ୱରଙ୍କ ସେବା ନିମନ୍ତେ ଅନେକ କ୍ଲେଶ, ତାଡ଼ନା ଓ କ୍ରୁଶୀୟ ମୃତ୍ୟୁ ଭୋଗିଥିଲେ । ପ୍ରେରିତ ପାଉଲଙ୍କ ଲେଖନୀ କହେ, "ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ୨ ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ । କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କ'ଣ, ଏହା ପରୀକ୍ଷା କରି ଜାଣିପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।" (ରୋମୀୟ ୧୨ : ୧-୨)

ଦ୍ୱିତୀୟରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଆମ୍ଭେମାନେ ପ୍ରସ୍ତୁତ ହେବା ଆବଶ୍ୟକ । ପୁରାତନ ନିୟମର ସମୟରେ ଶୁଦ୍ଧ, ପବିତ୍ର ଓ ନିଖୁଣ ବଳି ଈଶ୍ୱରଂକ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେଉଥିଲା । ପାପରହିତ ମେଷ ଶାବକ ସଦୃଶ୍ୟ ଯୀଶୁଖ୍ରୀଷ୍ଟ ଆପଣାକୁ ଈଶ୍ୱରଂକ କାର୍ଯ୍ୟରେ ସମର୍ପିତ କରିଥିଲେ । ଆମ୍ଭେମାନେ ମଧ୍ୟ ସେହିପରି ନିଷ୍କଳଂକ ବଳି ସଦୃଶ୍ୟ ଆପଣା ଆପଣାକୁ ପବିତ୍ରୀକୃତ କରିବା ଆବଶ୍ୟକ । ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, "ଆମ୍ଭେମାନେ ଯେପରି ତାହାଂକ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ ଏଥିପାଇଁ ସେ ଜଗତର ପତନ ପୂର୍ବେ ତାହାଂକ ଠାରେ ଆଂମ୍ଭମାନଙ୍କୁ ମନୋନୀତ କଲେ ।" (ଏଫିସୀ ୧ : ୪)

ତୃତୀୟରେ ଆମ୍ଭମାନଙ୍କ ସେବା ସୃଷ୍ଟିକର୍ତ୍ତାଙ୍କ ଗ୍ରହଣ ଯୋଗ୍ୟ ହେବା ନିମନ୍ତେ ଆମ୍ଭମାନଙ୍କୁ ଶୁଦ୍ଧ, ପବିତ୍ର, ଅନିନ୍ଦନୀୟ ଜୀବନ ଯାପନ କରିବା ଆବଶ୍ୟକ । ଈଶ୍ୱର ପରାୟଣତା ଜୀବନ ବ୍ୟତୀତ ଆମ୍ଭେମାନେ ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷ ପାତ୍ର ହୋଇ ପାରିବା ନାହିଁ । ଯୀଶୁଖ୍ରୀଷ୍ଟଙ୍କ ଶୁଦ୍ଧ, ପବିତ୍ର ଓ ଧାର୍ମିକ ଜୀବନ ଯାପନ ଆମ୍ଭମାନଙ୍କ ପଥ ପ୍ରଦର୍ଶକ । ଏବ୍ରୀ ପୁସ୍ତକ କର୍ତ୍ତା ଆପଣା ଲେଖନୀରେ ଏହି ଭାବ ପ୍ରକାଶ କରିଅଛନ୍ତି । "କାରଣ ଆମ୍ଭମାନଙ୍କ ଦୁର୍ବଳତାରେ ଆମ୍ଭମାନଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଅସମର୍ଥ । ଆମ୍ଭମାନଙ୍କର ଏପରି ମହାଯାଜକ ନାହାନ୍ତି ବରଂ ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ

ପରୀକ୍ଷିତ ହେଲେ ।" (ଏବ୍ରୀ ୪ : ୧୫) ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆମ୍ଭେମାନେ ପାପରହିତ ଜୀବନ ଯାପନ କରିବାରେ ଅସମର୍ଥ । ତେଣୁକରି ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗିଲେ । ତାହାଙ୍କ ରକ୍ତ ଦ୍ୱାରା ଆମ୍ଭମାନଙ୍କ ପାପ ମୋଚନ ହୋଇଥାଏ । "ଈଶ୍ୱର ପରାୟଣତା ଜୀବନ ଯାପନ କରିବା ନିମନ୍ତେ ଅଭ୍ୟାସ କର ।" ବୋଲି ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଉତ୍ସାହିତ କରିବା ସାଙ୍ଗେ ୨ ଆମ୍ଭମାନଙ୍କୁ ମଧ୍ୟ ଉତ୍ସାହିତ କରିଅଛନ୍ତି ।

(୨) ସେ ସତ୍ୟ ଅଟନ୍ତି — ଯୀଶୁଖ୍ରୀଷ୍ଟ ସତ୍ୟ ଅଟନ୍ତି । ସେ କେବଳ ସତ୍ୟବାକ୍ୟ କହନ୍ତି ବୋଲି ତାହାର ଅର୍ଥ ନୁହେଁ । ତାହାଙ୍କ ବାକ୍ୟ ସକଳ ସତ୍ୟ ଅଟେ ଓ ସେ ନିଜେ ସତ୍ୟ ଅଟନ୍ତି । ଏହି ବିଷୟ ଶିଷ୍ୟବୃନ୍ଦଙ୍କୁ ସେ କହିଲେ, "ମୁଁ ପଥ, ସତ୍ୟ ଓ ଜୀବନ, ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।" (ଯୋହନ ୪ : ୬)

ଯୀଶୁଖ୍ରୀଷ୍ଟଙ୍କ ବ୍ୟତୀତ ଆଉ କୌଣସି ପଥ ନାହିଁ, ତାହାଙ୍କ ବ୍ୟତୀତ ଆଉ କାହା ପାଖରେ ଜୀବନ ନାହିଁ । ତାହାଙ୍କ ବାକ୍ୟରେ ଆମ୍ଭେମାନେ ବିଶ୍ୱାସ କରୁ, ନିର୍ଭର କରୁ ଓ ପାଳନ କରୁ । ଯେଣୁ ସେ ନିଜେ ସତ୍ୟ ଅଟନ୍ତି । ଯୋହନ ୧୪ ପର୍ବ ପ୍ରଥମ ତିନି ପଦରେ ଯୀଶୁଖ୍ରୀଷ୍ଟ ଶିଷ୍ୟମାନଙ୍କୁ ସ୍ୱର୍ଗୀୟ ବାସସ୍ଥାନର ପ୍ରତିଜ୍ଞା କରିଥିଲେ । ସେହି ପ୍ରତିଜ୍ଞା ଉପରେ ଥିବା ଆମ୍ଭମାନଙ୍କ ବିଶ୍ୱାସ ଆମ୍ଭମାନଙ୍କ ଖ୍ରୀଷ୍ଟ ଜୀବନର ମୂଳଦୁଆ । କ୍ରୁଶରେ ହତ ହେବା ପୂର୍ବେ ପୀଲାତଙ୍କ ନ୍ୟାୟ ସ୍ଥାନରେ ଯୀଶୁଖ୍ରୀଷ୍ଟ କହିଲେ "ମୁଁ ଯେପରି ସତ୍ୟପକ୍ଷରେ ସାକ୍ଷ୍ୟ ଦିଏ । ଏଥି ନିମନ୍ତେ ମୁଁ ଜନ୍ମ ହୋଇଅଛି ଓ ଜଗତକୁ ଆସିଅଛି । ଯେ କେହି ସତ୍ୟର ସନ୍ତାନ ସେ ମୋହର କଥା ଶୁଣେ ।" (ଯୋହନ ୧୮ : ୩୮)

ଯାହାଙ୍କ ହସ୍ତରେ ଦାଉଦଙ୍କ କଞ୍ଚି ଅଛି — ଅଧିକାର ପ୍ରାପ୍ତ ବ୍ୟକ୍ତି ପାଖରେ କଞ୍ଚି ଥାଏ । କଞ୍ଚି ଅଧିକାରର ଚିହ୍ନ । ଯୀଶୁଖ୍ରୀଷ୍ଟଙ୍କୁ ଦାଉଦଙ୍କ କଞ୍ଚି ଦିଆଯାଇ ଅଛି । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ସମ୍ମିଳିତ ଯିହୁଦୀୟ ଜନତାଙ୍କୁ ପିତର ଆପଣା ପ୍ରଥମ ସୁସମାଚାର ପ୍ରସଙ୍ଗରେ କହିଲେ ଈଶ୍ୱର ଯୀଶୁଖ୍ରୀଷ୍ଟଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଦାଉଦଙ୍କ ସିଂହାସନରେ

# ଈଶ୍ୱରଙ୍କ ନିମନ୍ତେ ବିଜୟ ଯାତ୍ରାରେ ଗତିରୋଧ
## (Pausing for God in the Middle of Victory)

ଅପରାଧୀର ଅପରାଧ ପରମେଶ୍ୱର ପୋଛି ଦେଲେ ସୁଦ୍ଧା, ଅପରାଧୀର ହୃଦୟରେ ଦୋଷୀ ମନୋଭାବ ତତ୍‌କ୍ଷଣାତ୍ ଦୂର ହେବା କଷ୍ଟକର । ଆଖାନଙ୍କ ଅପରାଧ ଓ ତତ୍‌ଫଳର ଶାସ୍ତି ସକାଶୁ ଈଶ୍ରାୟେଲ ସମାଜ ଉପୁଜିତ ହେଲେ । କିନ୍ତୁ ପରମେଶ୍ୱର ଯିହୋଶୂୟଙ୍କୁ କହିଲେ, "ଭୟ କରନାହିଁ, କିଅବା ନିରାଶ ହୁଅନାହିଁ । ସମସ୍ତ ସୈନ୍ୟ ସଙ୍ଗେ ନେଇ ଉଠି, ଅୟକୁ ଯାତ୍ରା କର । ଦେଖ, ଆମ୍ଭେ ଅୟର ରାଜାକୁ ଓ ତାହାର ଲୋକମାନଙ୍କୁ ଓ ତାହାର ନଗର ଓ ତାହାର ଦେଶକୁ ତୁମ୍ଭ ହସ୍ତରେ ସମର୍ପଣ କଲୁ ।" (ଯିହୋଶୂୟ ୮:୧) । ଅୟ ନଗର ହସ୍ତଗତ କରିବା ନିମନ୍ତେ ସଦାପ୍ରଭୁ ଯିହୋଶୂୟଙ୍କୁ ଏକ ଯୋଜନା ମଧ୍ୟ ଜଣାଇ-ଥିଲେ ।

ଯିହୋଶୂୟୋ ୮:୩ ପଦରେ ଯିହୋଶୂୟ ତିରିଶ ହଜାର ମହା ବିକ୍ରମଶାଳୀ ଲୋକଙ୍କୁ ପଠାଇବାର ଓ ଯିହୋଶୂୟ ୮:୧୨ ରେ ପାଞ୍ଚ ହଜାର ଲୋକ ପଠାଇବାର ଉଲ୍ଲେଖ କରାଯାଏ । ଏହି ଦୁଇସଂଖ୍ୟା ଏବ୍ରୀ ଭାଷାରେ ଦେଖିବାକୁ ଏକଭଳି ଥିବାରୁ, ଅନୁବାଦକମାନେ କୌଣସି ଏକ ସ୍ଥାନରେ ଭୁଲ ସଂଖ୍ୟା ଲେଖି ଅଛନ୍ତି । ଅୟ ରାଜାଙ୍କ ଅଜଣାତରେ ରାତ୍ରି ସମୟରେ ଯିହୋଶୂୟ ୫,୦୦୦ ମହାବିକ୍ରମାବଳୀ ସୈନ୍ୟମାନଙ୍କୁ ବୈଥେଲ ଓ ଅୟ ନଗରର ମଧ୍ୟ ସ୍ଥାନରେ ଗୋପନରେ ରଖିଲେ ଓ ଅବଶିଷ୍ଟ ସୈନ୍ୟମାନଙ୍କୁ ନେଇ ସେ ପ୍ରଭାତରେ ଅୟ ନଗର ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ପଦାଭୂମିରେ ଉପସ୍ଥିତ ହେଲେ । ସେହିପରିଭାବେ ଅୟର ରାଜା ଓ ତାଙ୍କର ସମସ୍ତ ଲୋକ ପ୍ରଭାତରେ ଶୀଘ୍ର ଉଠି ଈସ୍ରାଏଲ ସହିତ ଯୁଦ୍ଧ କରିବାକୁ ନିରୂପିତ ସମୟରେ ପଦାଭୂମିରେ ଉପସ୍ଥିତ ହେଲେ, କିନ୍ତୁ ତାଙ୍କ ବିରୁଦ୍ଧରେ ଏକ ସୈନ୍ୟଦଳ ନଗରରେ ଗୋପନରେ ଅଛନ୍ତି ବୋଲି ସେ ଜାଣିନଥିଲେ ।

ଏଥିଉତ୍ତରେ ଯିହୋଶୂୟ ଓ ସମଗ୍ର ଇଶ୍ରାୟେଲ ସେମାନଙ୍କ ସମ୍ମୁଖରେ ଆପଣା ମାନଙ୍କୁ ପରାସ୍ତ ହେଲା ପରି ଦେଖାଇ, ପ୍ରାନ୍ତର ପଥ ପଳାୟନ କଲେ । ଇଶ୍ରାୟେଲ ସୈନ୍ୟ ପଳାୟନ କରିବା ଦେଖି ଅୟ ସୈନ୍ୟ ଗଣ ଆପଣା ବିଜୟୀ ମନେକରି ସେମାନଙ୍କ ପଛେ ୨ ଗୋଡ଼ାଇ ନଗରରୁ ଦୂରକୁ ଆକର୍ଷିତ ହେଲେ । ଅୟର ମହାବିକ୍ରମାବଳୀ ପ୍ରତ୍ୟେକ ପୁରୁଷ ନଗର ତ୍ୟାଗ କରି ଇଶ୍ରାୟେଲକୁ ବିନଷ୍ଟ କରିବାକୁ ସେମାନଙ୍କ ପଛେ ୨ ଗୋଡ଼ାଇ ଆପଣା ନଗରି ଜନଶୂନ୍ୟ କଲେ । ସେତେବେଳେ ସଦାପ୍ରଭୁଙ୍କ ଅଜ୍ଞାନୁଯାୟୀ ଯିହୋଶୂୟ ଅୟ ନଗର ଆଡ଼େ ବର୍ଚ୍ଛା ବିସ୍ତାରି କରିବାକୁ ଗୋପନରେ ଥିବା ମହାବିକ୍ରମଶାଳୀ ସୈନ୍ୟମାନେ ଶୀଘ୍ର ଆପଣା ୨ ସ୍ଥାନରୁ ଉଠି ଦୌଡ଼ିଯାଇ ନଗର ହସ୍ତଗତ କଲେ ଓ ଶୀଘ୍ର ନଗରରେ ଅଗ୍ନି ଲଗାଇ ଦେଲେ । ସେଦିନ ଇଶ୍ରାୟେଲ ଅୟବାସୀଙ୍କୁ ଏପରି ସଂହାର କଲେ ଯେ, ସେମାନଙ୍କ ମଧ୍ୟରୁ କେହି ଅବଶିଷ୍ଟ ରହିଲେ ନାହିଁ । ମାତ୍ର ଅୟର ରଜାଙ୍କୁ ଜୀବନ୍ତ ଧରି ଯିହୋଶୂୟଙ୍କ ନିକଟକୁ ଆଣିଲେ । ଯିହୋଶୂୟ, ଅୟର ରଜାଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ବୃକ୍ଷରେ ଟଙ୍ଗାଇ ରଖିଲେ । ମାତ୍ର ସୂର୍ଯ୍ୟାସ୍ତ ସମୟରେ ତାହାଙ୍କ ଆଜ୍ଞା ପ୍ରମାଣେ ଲୋକମାନେ ଶବ ବୃକ୍ଷରୁ ତଳକୁ ଆଣି ନଗର ଦ୍ୱାର ପ୍ରବେଶ ସ୍ଥାନରେ ପକାଇ ତହିଁ ଉପରେ ପ୍ରସ୍ତରର ଏକ ବଡ଼ ଢିପି କଲେ । କାରଣ ମୋଶାଙ୍କ ବ୍ୟବସ୍ଥା କହେ, "କୌଣସି ମନୁଷ୍ୟ ମୃତ୍ୟୁଯୋଗ୍ୟ ପାପ କଲେ, ଯେବେ ତାହାର ପ୍ରାଣଦଣ୍ଡ ହୁଏ, ଓ ତୁମ୍ଭେ ତାହାକୁ ବୃକ୍ଷରେ ଟଙ୍ଗାଇ ଦିଅ, ତେବେ ତାହାର ଶବ ରାତ୍ରିଯାକ ବୃକ୍ଷରେ ଟଙ୍ଗା ହୋଇ ରହିବ ନାହିଁ, ମାତ୍ର ତୁମ୍ଭେ କୌଣସି ପ୍ରକାରେ ସେହିଦିନ ତାହାକୁ କବର ଦେବ; କାରଣ ଯେ ଟଙ୍ଗାଯାଏ ସେ ପରମେଶ୍ୱରଙ୍କ ଅଭିଶାପ ପ୍ରାପ୍ତ ।"(ଦ୍ୱି:ବି:୨୧:୨୨-୨୩)

ଯିରୀହୋ ନଗରର ପତନ ସମୟର ଅନୁଭୂତିରୁ ଶିକ୍ଷା ପ୍ରାପ୍ତ ହୋଇ, ଇଶ୍ରାୟେଲ ସନ୍ତାନମାନେ ଅୟ ନଗରବାସୀଙ୍କୁ ବର୍ଜିତ ରୂପେ ବିନାଶ କଲେ । ସଦାପ୍ରଭୁଙ୍କ ଆଜ୍ଞାନୁସାରେ ଇଶ୍ରାୟେଲ ଲୋକମାନେ ସେହି ନଗରର ପଶୁ ଓ ଲୁଟ ଦ୍ରବ୍ୟ ସବୁ ଆପଣାମାନଙ୍କ ନିମନ୍ତେ ଗ୍ରହଣ କଲେ । ବିଜୟର ସୁଫଳ ଦେଖି ଇଶ୍ରାଏଲ ସନ୍ତାନମାନେ ଏବଲ ପର୍ବତ ଅଭିମୁଖେ ଯାତ୍ରା କଲେ । ସମ୍ପୂର୍ଣ୍ଣ ହୃଦୟ ସହ ପରମେଶ୍ୱରଙ୍କ ଅନୁଗାମୀ

ହେବା ନିମନ୍ତେ ତାହାଙ୍କ ଆଜ୍ଞା ସକଳ ପୁନଃବାର ସ୍ମରଣ କରିବା ନିମନ୍ତେ ଯିହୋଶୂୟ ଇଶ୍ରାୟେଲ ସମାଜକୁ ସେହି ସ୍ଥାନରେ ସ୍ଥଗିତ କଲେ । ସେ ସେଠାରେ ପରମେଶ୍ୱରଙ୍କ ବ୍ୟବସ୍ଥା ସେମାନଙ୍କୁ ଶୁଣାଇଲେ ।

ଦ୍ୱି:ବି: ୨୭:୪-୭ ପଦରେ ବ୍ୟକ୍ତ ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ, ଯହିଁ ଉପରେ କୌଣସି ମନୁଷ୍ୟ ଲୁହା ଉଠାଇ ନାହିଁ, ଏପରି ଅକଟା ପଥରରେ ସେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୋମ ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କଲେ । ପୁଣି ସେହି ପ୍ରସ୍ତର ଉପରେ ଇଶ୍ରାୟେଲ ସନ୍ତାନ ଗଣ ସମ୍ମୁଖରେ ମୋଶାଙ୍କ ଦ୍ୱାରା ଲିଖିତ ବ୍ୟବସ୍ଥା ଗ୍ରନ୍ଥର ଅଂଶ ଉଦ୍ଧାର ଲେଖିଲେ । ଇଶ୍ରାୟେଲର ପ୍ରତ୍ୟେକ ପୁରୁଷ ଓ ସ୍ତ୍ରୀ, ବାଳକ ବାଳିକା ଈଶ୍ୱରଙ୍କ ବ୍ୟବସ୍ଥା ଲିଖିତ ହେବା ଦେଖିଲେ । ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ ଛଅ ଗୋଷ୍ଠୀ ଗରିଷୀମ ପର୍ବତ ସମ୍ମୁଖରେ ଓ ଛଅ ଗୋଷ୍ଠୀ ଏବଲ ପର୍ବତ ସମ୍ମୁଖରେ ଠିଆ ହେଲେ । ଗରିଷୀମ ପର୍ବତରେ ଆଶୀର୍ବାଦ ଦାୟକ ବ୍ୟବସ୍ଥା ଓ ଏବଲ ପର୍ବତରେ ଅଭିଶାପଦାୟକ ବ୍ୟବସ୍ଥା ଲିଖିତ ହେଲା । ଏହି ଦୁଇ ପର୍ବତ ସଦାପ୍ରଭୁଙ୍କ ଠାରୁ ଆଗତ ବିଷୟଗୁଡ଼ିକର ସୂଚକ । ଉର୍ବର ଗିରିଷୀମ ପର୍ବତ ଆଶୀର୍ବାଦ ଦାୟକ ଓ ଅନୁର୍ବର ଏବଲ ଅଭିଶାପର ପ୍ରତୀକ ସଦାପ୍ରଭୁଙ୍କ ଅଭିପ୍ରେତ ପ୍ରତ୍ୟେକ ବିଷୟ ଅନୁର୍ବର, ନିସାର ଓ ଫଳଶୂନ୍ୟ । ଦ୍ୱି:ବି: ୧୧.୨୯ ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ଯିହୋଶୂୟ ଏହି ସବୁ କର୍ମ କଲେ ।

"ବ୍ୟବସ୍ଥା-ଗ୍ରନ୍ଥରେ ସମସ୍ତ ଲେଖାନୁସାରେ ସେ ଆଶୀର୍ବାଦ ଓ ଅଭିଶାପ ବିଷୟକ ବ୍ୟବସ୍ଥାର ସମସ୍ତ କଥା ପାଠ କଲେ । ସେ ଇସ୍ରାଏଲ ସମସ୍ତ ସମାଜର ଓ ସ୍ତ୍ରୀଗଣର ଓ ବାଳକ ଗଣର ଓ ସେମାନଙ୍କ ମଧ୍ୟରେ ପରିଚିତ ବିଦେଶୀମାନଙ୍କ ନିକଟରେ ଯାହା ପାଠକଲେ ନାହିଁ, ମୋଶାଙ୍କର ସମସ୍ତ ଆଦେଶ ମଧ୍ୟରେ ଏପରି ଗୋଟିଏ କଥା ନଥିଲା ।" (ଯିହୋଶୂୟ ୮:୩୪-୩୫) ସ୍ୱର୍ଗରାଜ୍ୟରେ ଅର୍ଥାତ୍ ତାହାଙ୍କ ମଣ୍ଡଳୀରେ ପ୍ରତ୍ୟେକ ସଭ୍ୟ ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱସ୍ତ ଜୀବନଯାପନ କରିବା ଆବଶ୍ୟକ । ଇଶ୍ରାୟେଲମାନେ ଆପଣା ବିଜୟ ଯାତ୍ରା ଗତିରୋଧ କରି, ପରମେଶ୍ୱର ସେମାନଙ୍କ ଜୀବନରେ ସ୍ମରଣ କରି ସୁରକ୍ଷାରେ ବିଜୟପଥରେ ଆଗେଇ

ଯାଇଥିଲେ । ଆମ୍ଭେମାନେ ଆମ୍ଭମାନଙ୍କ ପ୍ରତ୍ୟେକ ପ୍ରତ୍ୟେକର ଭାର ତାହାଙ୍କ ଉପରେ ଥୋଇଲେ, ସେ ଆମ୍ଭମାନଙ୍କୁ ରକ୍ଷା କରିବାକୁ, ଚଳାଇ ନେବାକୁ ବିଶ୍ୱସ୍ତ ନ୍ୟାୟବାନ ଓ ସମର୍ଥ ପରମେଶ୍ୱର ଅଟନ୍ତି । ବାକ୍ୟ କହେ, "ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।" (ମାଥିଉ ୬:୩୩)

❋

## ଶିମୋନ ପିତର
## Simon Piter

ପ୍ରଭୁଯୀଶୁଙ୍କ ପ୍ରେରିତମାନଙ୍କ ମଧ୍ୟରେ ପ୍ରଥମେ ଆହ୍ୱାନିତ ଶିମୋନ ପିତରଙ୍କୁ ଆମେ ଦେଖି ପାରୁଛୁ । "ଯୀଶୁ ଗାଲିଲୀ ସମୁଦ୍ର କୂଳରେ ଭ୍ରମଣ କରୁଥିବା ସମୟରେ ଶିମୋନ, ଯାହାଙ୍କୁ ପିତର ବୋଲି କହନ୍ତି, ଆଉ ତାହାଙ୍କ ଭାଇ ଆନ୍ଦ୍ରିୟ, ଏହି ଦୁଇ ଭାଇଙ୍କି ସମୁଦ୍ରରେ ଉଡ଼ିଁଆ ଜାଲ ପକାଉଥିବା ଦେଖିଲେ, କାରଣ ସେମାନେ ମତ୍ସ୍ୟଜୀବୀ ଥିଲେ । ସେ ସେମାନଙ୍କୁ କହିଲେ, ମୋହର ଅନୁଗମନ କର, ମୁଁ ତୁମ୍ଭଙ୍କୁ ମନୁଷ୍ୟ ଧରିବା ଶିଖାଇବି । ସେଥିରେ ସେମାନେ ସେହିକ୍ଷଣି ଜାଲଗୁଡ଼ି ତାହାଙ୍କର ଅନୁଗମନ କଲେ । (ମାଥିଉ ୪ : ୧୮-୨୦) ।

"ଶିମୋନ" ଏକ ଏବ୍ରୀ ନାମ । ସେ ଶିମୋନ ପିତର ବୋଲି ମଧ୍ୟ ଡକାଯାଉଥିଲେ । 'ପିତର' ଏକ ଗ୍ରୀକ ନାମ । ପିତର ଅର୍ଥ ପଥର; ଛୋଟ ପଥର ବୋଲି ଏହାର ଅର୍ଥ । ଆନ୍ଦ୍ରିୟ ଶିମୋନ ପିତରଙ୍କୁ, ଯୀଶୁଙ୍କ ନିକଟକୁ ଆଣିବା ସମୟରେ, "ଯୀଶୁ ତାହାଙ୍କୁ ଏକ ଦୃଷ୍ଟିରେ ଚାହିଁ କହିଲେ, ତୁମ୍ଭେ ଯୋହନଙ୍କ ପୁତ୍ର ଶିମୋନ, ତୁମ୍ଭେ କେଫା ଅନୁବାଦ କଲେ ଏହାର ଅର୍ଥ ପିତର (ପଥର) (ଯୋହନ ୧ : ୪୨) । 'କେଫା' ପଦ ଆରାମିକ ଭାଷାର । କେତେକ ପ୍ରେରିତମାନଙ୍କୁ ଏକାଧିକ ନାମ ଥିବାର ଆମେ ଦେଖିପାରୁଛୁ । ସାଉଲ ପାଉଲ ବୋଲି ଡକାଯାଉଥିଲି ।

ପିତରଙ୍କ ପିତାଙ୍କ ନାମ ଯୂନସ ଏବଂ ମାତାଙ୍କ ନାମ ଯୋହନ୍ନା, ଆନ୍ଦ୍ରିୟ ତାହାଙ୍କର ଭ୍ରାତା । ୧ମ କରନ୍ଥି ୯:୫ ପଦ ଅନୁଯାୟୀ ପିତର ବିବାହିତ ବୋଲି ଆମେ ଗ୍ରହଣ କରପାରୁ । ପିତର ଜଣେ କେଉଟ ଥିଲେ ସେ ମାଛ ଧରିବା ପାଇଁ ଜାଲ ପକାଉଥିବା ସମୟରେ ଯୀଶୁ ତାଙ୍କୁ ଡାକିଲେ । ସେହି ସମୟରୁ ସେ ଯୀଶୁଙ୍କର ଅନୁଗମନ କଲେ । ପିତର ଗାଲିଲୀର ବେତ୍‌ସାଇଦାର ସଭ୍ୟ, ତାପରେ ସେ କଫର୍ନାହୂମରେ ନିବାସ କଲେ । ସେ ବିଦ୍ୟାବନ୍ତ ନୁହଁ ପ୍ରେରିତ ୪:୧୩ରେ ପିତର, ଯୋହନ, ଅଶିକ୍ଷିତ ଓ ଅଜ୍ଞାନ ବୋଲି ଲୋକମାନେ ଗ୍ରହଣ କରୁଥିବା ଆମେ ଦେଖି- ପାଉ । ତେବେ ମୃତ୍ୟୁ ପରରୁ ଉଥିତ ଯୀଶୁଙ୍କ ବିଷୟରେ ସେମାନେ ସାହସରେ ପ୍ରଚାର କରୁଥିଲେ ।

ପ୍ରେରିତମାନଙ୍କ ମଧ୍ୟରୁ ଶିମୋନ ପିତରଙ୍କ ନାମ ଆଗରେ ଦେଖି ପାରୁଅଛୁ । ସେ ଯୀଶୁଙ୍କ ନିକଟତମ ହୋଇ ରହିଥିବା ପ୍ରେରିତମାନଙ୍କ ମଧ୍ୟରୁ ଜଣେ । ନୂତନ ନିୟମରେ ପିତର ଲେଖିଥିବା ପ୍ରଥମ ପିତର, ଦ୍ୱିତୀୟ ପିତର ଅଛି । ମାର୍କ ଲିଖିତ ସୁସମାଚାର ଲେଖିବା ପାଇଁ ମୁଖ୍ୟ କାରଣ ପିତର ବୋଲି ଅନେକ ମତ । ଶିମୋନ ପିତର ସମସ୍ତ ବିଷୟରେ ଆମପରି ଏକ ସାଧାରଣ ଲୋକ ।

ମୋହର ଅନୁଗମନ କର, ମୁଁ ତୁମ୍ଭଙ୍କୁ ମନୁଷ୍ୟ ଧରିବା ଶିଖାଇବି ବୋଲି ଯୀଶୁ ଶିମୋନ ପିତରଙ୍କୁ ଡାକିଲେ "ପ୍ରେରିତ ସମସ୍ତଙ୍କୁ ଯୀଶୁ, ରାଜ୍ୟ ବାର୍ତ୍ତାବହ ରୂପେ ପ୍ରସ୍ତୁତ କଲେ । ସେମାନେ ସମସ୍ତେ ଉତ୍ତମ ଭାବେ ପ୍ରସ୍ତୁତ ହେବା ଶକ୍ତି ପାଇଲେ କିନ୍ତୁ ସେ ଶକ୍ତିକୁ ଯୀଶୁ ପ୍ରଭୁ ହିଁ ସେମାନଙ୍କ ମଧ୍ୟରୁ ଚହିଁଲେ । ମନୁଷ୍ୟ ଧରିବା ଶିଖିବା ପାଇଁ ପିତରଙ୍କୁ କେତେକ କଠିନ ପାଠମାନ ଶିଖିବାକୁ ପଡ଼ିଲା । ସେ ଆପଣାକୁ ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ରହିବା ପାଇଁ ଶିଖିବାକୁ ପଡ଼ିଲା । ଶିଷ୍ୟମାନଙ୍କୁ ପଚାରୁଥିବା ପ୍ରଶ୍ନମାନଙ୍କରେ ପିତର ଶୀଘ୍ର ଉତ୍ତର ଦେଉଥିଲା । ( ମାର୍କ ୮:୨୯ ) ଶିଷ୍ୟ ସମସ୍ତେ ପଚାରିବାକୁ ଥିବା ପ୍ରଶ୍ନ ସେ ପଚାରୁଥିଲା (ମାର୍କ ୧୦:୧୮)

"ତାହାଙ୍କୁ ଅବଶ୍ୟ ଯିରୂଶାଲମକୁ ଯିବାକୁ ହେବ ଏବଂ ପ୍ରାଚୀନ ପ୍ରଧାନ ଯାଜକ ଓ ଶାସ୍ତ୍ରୀମାନଙ୍କ ହସ୍ତରୁ ବହୁତ ଦୁଃଖଭୋଗ କରି ହତ ହେବାକୁ ହେବ, ପୁଣି ତୃତୀୟ ଦିବସରେ ଉଥିତ ହେବ । ସେଥିରେ

ପିତର ତାହାଙ୍କୁ ଗୋଟିଏ ପାଖକୁ ଘେନଯାଇ ଅନୁଯୋଗ କରି କହିବାକୁ ଲାଗିଲେ, ହେ ପ୍ରଭୁ, ଈଶ୍ୱର ଆପଣଙ୍କୁ ଦୟା କରନ୍ତୁ । ଏହା ଆପଣଙ୍କ ପ୍ରତି କେବେ ହେଁ ନ ଘଟୁ । କିନ୍ତୁ ସେ ବୁଲିପଡ଼ି ପିତରଙ୍କୁ କହିଲେ, ମୋ ଅଗରୁ ଦୂର ହୁଅ, ଶୟତାନ୍, ତୁମ୍ଭେ ମୋର ବିଘ୍ନ ସ୍ୱରୂପ, କାରଣ ତୁମ୍ଭେ ଈଶ୍ୱରଙ୍କ ବିଷୟ ନ ଭାବି ମନୁଷ୍ୟର ବିଷୟ ଭାବୁଅଛ" (ମାଥିଉ ୧୬ : ୨୧-୨୩) ।

ଯୀଶୁଙ୍କୁ ଧରିବା ପାଇଁ ଇଷ୍କାରିୟୋତୀୟ ଯିହୁଦା ବହୁ ଜନସମୂହ ଧରି ଆସିବା ସମୟରେ ପିତର ଖଣ୍ଡା ବାହାର କରି ମହାଯାଜକଙ୍କ ଦାସକୁ ଆଘାତ କରି କାନ କାଟି ପକାଇଲେ । 'ଯୀଶୁ ତୁମ୍ଭର ଖଡ୍ଗ ପୁନର୍ବାର ସ୍ୱସ୍ଥାନରେ ରଖ, କାରଣ ଯେଉଁମାନେ ଖଡ୍ଗ ଧାରଣକରନ୍ତି ସେମାନେ ଖଡ୍ଗ ଦ୍ୱାରା ବିନଷ୍ଟ ହେବେ" ବୋଲି କହି ଧମକ ଦେଲେ (ମାଥିଉ ୨୬ : ୪୭-୫୪)

ଯୀଶୁ ପ୍ରଭୁ ଦୁଷ୍ଟମାନଙ୍କ ହସ୍ତରେ ଧରାଯିବା ଓ ସେମାନଙ୍କ ଦ୍ୱାରା ଦଣ୍ଡିତ ହେବା ଦୃଶ୍ୟ ଦେଖିବା ସମୟରେ ପିତରଙ୍କ ଉତ୍ସାହ, ନିରିକ୍ଷଣ ସବୁ ଲିଭି ହୋଇଗଲା "ଯଦ୍ୟପି ସମସ୍ତେ ଆପଣଙ୍କ ଠାରେ ବିଘ୍ନ ପାଇବେ ତଥାପି ମୁଁ କେବେ ହେଁ ପାଇବି ନାହିଁ" ଏପରି ତାଙ୍କ ପ୍ରଭୁଙ୍କ ଠାରେ ପ୍ରମାଣ କରିଥିବା ପିତର, ଜାଗତିକ ସମ୍ବନ୍ଧୀୟ ଲକ୍ଷଣ ନିରିକ୍ଷଣ କରିବା କ୍ଷଣି ପ୍ରଭୁଙ୍କୁ ଜାଣିନାହିଁ ବୋଲି ତିନିଥର ଅସ୍ୱୀକାର କଲେ (ଲୂକ ୨୨:୬୨) । ଏହି ପ୍ରକାର ପିତର ନିଜକୁ ନିଜେ ନତ ହେବାର ଶିଖା କଲେ ।

କେବଳ ଏତିକି ମାତ୍ର ନୁହେଁ ଅନ୍ୟମାନଙ୍କୁ କ୍ଷମା କରିବା ବିଷୟ ମଧ୍ୟ ପିତର ତାଙ୍କ ପ୍ରଭୁଠାରୁ ଶିଖିଥିଲେ । "ସେତେବେଳେ ପିତର ତାହାଙ୍କ ପାଖକୁ ଆସି ପଚାରିଲେ, ହେ ପ୍ରଭୁ, କେତେଥର ମୋହର ଭାଇ ମୋ ବିରୁଦ୍ଧରେ ପାପ କଲେ ମୁଁ କ୍ଷମା କରିବି ? କି ସାତଥର ପର୍ଯ୍ୟନ୍ତ ? ଯୀଶୁ ତାହାଙ୍କୁ କହିଲେ, ତୁମ୍ଭକୁ କେବଳ ସାତଥର ପର୍ଯ୍ୟନ୍ତ କହୁନାହିଁ, ମାତ୍ର ସତୁରି ଗୁଣ ସାତଥର ପର୍ଯ୍ୟନ୍ତ (ମାଥିଉ ୧୮-୨୨)

ତତ୍ପରେ ପରମେଶ୍ୱର ଜଗତରେଥିବା ପ୍ରତ୍ୟେକଙ୍କୁ ପ୍ରେମ କରୁଥିବାର ଏ ମହାନ୍ ଶିମୋନ ପିତର ତାଙ୍କ ସେବା କାର୍ଯ୍ୟରେ ଶିକ୍ଷା କରି ପାରିଲେ । ଇଶ୍ରାଏଲଙ୍କ ମଧ୍ୟ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର ହେବା ସମୟ ପର୍ଯ୍ୟନ୍ତ, କେବଳ ଯିହୁଦୀମାନେ ହିଁ ପରମେଶ୍ୱରଙ୍କ ଦୃଷ୍ଟିରେ ଯୋଗ୍ୟ ପ୍ରଜା ବୋଲି ପିତର ଭାବୁଥିଲେ । କିନ୍ତୁ ପରମେଶ୍ୱରଙ୍କ ଦୃଷ୍ଟିରେ ସମସ୍ତେ ସମାନ ବୋଲି ଦର୍ଶନ ଦ୍ୱାରା ତାଙ୍କୁ ଶିକ୍ଷା ଦିଆଯାଇଥିଲା । "ପରମେଶ୍ୱର ଯେ ମୁଖାପେକ୍ଷା କରନ୍ତି ନାହିଁ, କିନ୍ତୁ ପ୍ରତ୍ୟେକ ଜାତିରେ ଯେ କେହି ତାହାଙ୍କୁ ଭୟ କରି ଧର୍ମାଚରଣ କରେ, ସେ ଯେ ତାହାଙ୍କ ନିକଟରେ ଗ୍ରାହ୍ୟ ହୁଏ, ଏହା ମୁଁ ସତ୍ୟ ବୁଝୁଅଛି ବୋଲି ପିତର ଧୈର୍ଯ୍ୟରେ ପ୍ରକାଶ କଲେ । ସ୍ୱର୍ଗରାଜ୍ୟର ଦ୍ୱାର ଅର୍ଥାତ୍ ଖ୍ରୀଷ୍ଟ ମଣ୍ଡଳୀର ଦ୍ୱାର ଖୋଲିବା ପାଇଁ ପିତରଙ୍କ ରାଜ୍ୟରେ କଞ୍ଚି ଦିଆଗଲା । ମାଥିଉ ୧୬ ଅଧ୍ୟାୟରେ, ମୁଁ କିଏ ବୋଲି ଲୋକେ କଅଣ କହନ୍ତି ? ତୁମ୍ଭେମାନେ କଅଣ କହୁଛ ? ବୋଲି ପ୍ରଭୁଯୀଶୁ ଶିଷ୍ୟମାନଙ୍କୁ ପଚାରିଲେ । "ଶିମୋନ ପିତର ଉତ୍ତର ଦେଲେ, ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର । ଏଥିରେ ଯୀଶୁ ତାହାଙ୍କୁ ଉତ୍ତର ଦେଲେ, 'ହେ ଯୂନସର ପୁତ୍ର ଶିମୋନ ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରିନାହିଁ, ବରଂ ମୋହର ସ୍ୱର୍ଗସ୍ଥ ପିତା ପ୍ରକାଶ କରିଅଛନ୍ତି । ଆଉ ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ । ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି ଦେବି ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ କରିବ, ସ୍ୱର୍ଗରେ ତାହା ବନ୍ଦ ରହିବ ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ରହିବ ବୋଲି କହିଲେ" (ମାଥିଉ ୧୬ : ୧୬-୧୯) । ମାଥିଉ ୧୮-୧୮ରେ ସେହି ଅଧିକାର ପ୍ରଭୁ ତାଙ୍କ ପ୍ରେରିତ ସମସ୍ତଙ୍କୁ ଦେଲାପରି ଆମେ ପଢି ପାରୁଛୁ ।

ତେବେ ଖ୍ରୀଷ୍ଟ ମଣ୍ଡଳୀ ସ୍ଥାପିତ ହେବା ପରେ ସେଥିରେ ପ୍ରବେଶ କରିବା ମାର୍ଗ ଯିହୁଦୀମାନଙ୍କୁ ଏବଂ ବିଜାତୀୟମାନଙ୍କୁ ପ୍ରଥମେ ପ୍ରେରିତ ପିତର ପ୍ରକଟନ କଲେ । ଗୋଟିଏ ଦିନରେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିଥିବା ଯିହୁଦୀମାନେ ମନପରିବର୍ତ୍ତନ କରି ପାପ କ୍ଷମା ନିମନ୍ତେ ବାପ୍ତିସ୍ମ

ଗ୍ରହଣ କରିବା ପାଇଁ ସେ ପ୍ରଭୁଙ୍କ ସମାପଣ ବିଷୟ ପ୍ରଚାର କଲେ । ପ୍ରେରିତ ୧୦ମ ଅଧ୍ୟାୟରେ ବିଜାତୀୟ କର୍ଣ୍ଣେଲିୟ ଓ ତାଙ୍କ ପରିବାରକୁ ପିତର ପରିତ୍ରାଣ ମାର୍ଗ ପ୍ରଚାର କରିଥିଲେ । କିନ୍ତୁ ତାଙ୍କୁ ଦିଆଯାଇ-ଥିବା ଚାବି ଦ୍ୱାରା (ଖ୍ରୀଷ୍ଟଙ୍କ ସୁସମାଚାର ଦ୍ୱାରା) ସ୍ୱର୍ଗରାଜ୍ୟର ଚାବି ଅର୍ଥାତ୍ ଖ୍ରୀଷ୍ଟ ମଣ୍ଡଳୀର କବାଟ ଖୋଲିଥିଲେ ।

ପୁନରୁତ୍ଥିତ ଖ୍ରୀଷ୍ଟ ପିତରଙ୍କୁ ଏବଂ ଅନ୍ୟ ପ୍ରେରିତ ଗଣଙ୍କୁ ଏକ ମହାନ୍ ଆଜ୍ଞା ଦେଲେ । ସେହି ଆଜ୍ଞାକୁ ସେମାନେ ଶିରଧାର୍ଯ୍ୟ କଲେ । ସମଗ୍ର ଜଗତ ସୁସମାଚାର ପ୍ରଚାର କଲେ । ପ୍ରେରିତ ପିତରଙ୍କ ସମ୍ବନ୍ଧରେ ଅନ୍ୟ ପାଠଦ୍ୱାରା ସବୁ କିଛି ଜାଣିପାରିବା ।

## ମରଣ ସମାଧି ଓ ଉତ୍ଥାନ
## ( Death, Burial and Resurrection )

"ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର ପ୍ରଚାର କରିଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରିଥିଲ, ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛ । ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭମାନଙ୍କୁ ସ୍ମରଣ କରାଉଅଛି । ଯଦି ତୁମ୍ଭେମାନେ ତାହା ଦୃଢ଼ ଭାବରେ ଧରିଥାଅ । ତେବେ ତାହାଦ୍ୱାରା ପରିତ୍ରାଣ ପାଉଅଛ ନୋହିଲେ ତ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ । କାରଣ ଯେଉଁ ଯେଉଁ ଶିକ୍ଷା ମୁଁ ପାଇଥିଲି, ସେଥି ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯଥା – ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗ କଲେ । ସମାଧି ପ୍ରାପ୍ତ ହେଲେ ଶାସ୍ତ୍ରାନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ । (୧ମ କରନ୍ଥୀ ୧୫ : ୧-୪)

ଯୀଶୁ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ଉତ୍ଥାନ ଏକ ଐତିହାସିକ ସତ୍ୟ ଘଟଣା । ଏହି ସତ୍ୟତାରେ ବିଶ୍ୱାସ ଖ୍ରୀଷ୍ଟୀୟ ଜୀବନର ମୂଳ ଦୁଆ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ଏହି ତିନୋଟି ଅଂଶରେ କେନ୍ଦ୍ରୀଭୂତ ହୁଏ ।

"ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆମ୍ଭମାନଙ୍କର ଶାନ୍ତି ଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ ।" (ଯିଶାଇୟ ୫୩-୫) ଯିଶାଇୟଙ୍କ ଏହି ଭବିଷ୍ୟଦ୍‌ବାଣୀ ଯୀଶୁଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁ ଭୋଗି ସଫଳ କରିଥିଲେ । କ୍ରୁଶୀୟ ମୃତ୍ୟୁ ଦ୍ୱାରା ସଦାପ୍ରଭୁ ଆମ୍ଭମାନଙ୍କ ଅପରାଧ ତାହାଙ୍କ ଉପରେ ବର୍ତ୍ତାଇ ଅଛନ୍ତି । ଆମ୍ଭମାନଙ୍କ ପାପର ପ୍ରତିଫଳ ସେ ବହନ କରି ଆମ୍ଭମାନଙ୍କୁ ଅନନ୍ତ ଶାସ୍ତିରୁ ମୁକ୍ତ କରିଥିବାରୁ ତାହାଙ୍କୁ କୃତଜ୍ଞତା ଅର୍ପଣ କରୁ ।

ଫିଲିପୀୟ ମଣ୍ଡଳୀକୁ ପାଉଲ ଲେଖନ୍ତି "ପୁଣି ମନୁଷ୍ୟଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ ।" (ଫିଲିପୀୟ ୨ : ୮) । ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଏକ ଦୈବିକ ଘଟଣା ବା କାଳ୍ପନିକ କାହାଣୀ ନୁହେଁ । କିନ୍ତୁ ତାହାଙ୍କ ମୃତ୍ୟୁରେ ଆମ୍ଭମାନଙ୍କ ପାପମୁକ୍ତି ନିମନ୍ତେ ତାହାଙ୍କ ରକ୍ତ ଢଳା ଯାଇଥିଲା ପ୍ରେରିତ ଯୋହନ ବର୍ଣ୍ଣନା କରନ୍ତି; "ସୈନ୍ୟମାନେ ଆସି ପ୍ରଥମ ଜଣକର ଗୋଡ଼ ଓ ତାହା ସହିତ ଯେଉଁ ଜଣକ କ୍ରୁଶରେ ଟଙ୍ଗାଯାଇଥିଲା, ତାହାର ଗୋଡ଼ ମଧ୍ୟ ଭାଙ୍ଗି ଦେଲେ । ମାତ୍ର ସେମାନେ ଯୀଶୁଙ୍କ ନିକଟକୁ ଆସିଲେ ମରିଗଲେଣି ବୋଲି ଦେଖି ତାହାଙ୍କ ଗୋଡ଼ ଭାଙ୍ଗିଲେ ନାହିଁ । କିନ୍ତୁ ସୈନ୍ୟମାନଙ୍କ ମଧ୍ୟରୁ ଜଣେ ବର୍ଚ୍ଛାରେ ତାହାଙ୍କ କକ୍ଷଦେଶ ବିନ୍ଧିଲା । ଆଉ ତତ୍‌କ୍ଷଣାତ୍ ରକ୍ତ ଓ ଜଳ ବାହାର ହେଲା । ଯେ ଦେଖିଅଛି, ସେ ସାକ୍ଷ୍ୟ ଦେଇଅଛି, ଯେପରି ତୁମ୍ଭେମାନେ ମଧ୍ୟ ବିଶ୍ୱାସ କର, ପୁଣି ତାହାର ସାକ୍ଷ୍ୟ ସତ୍ୟ, ଆଉ ସେ ଯେ ସତ୍ୟ କହୁଅଛି, ଏହା ସେ ଜାଣନ୍ତି । କାରଣ ଧର୍ମଶାସ୍ତ୍ରର ଏହି ବାକ୍ୟ ସଫଳ ହେବା ନିମନ୍ତେ ଏ ସମସ୍ତ ବିଷୟ ଘଟିଲା ତାହାଙ୍କର ଖଣ୍ଡେ ଅସ୍ଥି ଭଗ୍ନ ହେବ ନାହିଁ । ପୁନର୍ବାର ଧର୍ମଶାସ୍ତ୍ରର ଆଉ ଗୋଟିଏ ବାକ୍ୟ ଏହି । ସେମାନେ ଯାହାକୁ ବିଦ୍ଧ କଲେ ତାହାଙ୍କ ପ୍ରତି ଦୃଷ୍ଟିପାତ କରିବେ ।" (ଯୋହନ ୧୯ : ୩୨ ୩୭) ।

ମାନବ ଜାତିର ପ୍ରାୟଶ୍ଚିତ୍ତ ନିମନ୍ତେ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ କ୍ରୁଶ ଉପରେ ଆପଣା ରକ୍ତ ଢାଳିଥିଲେ । ଲେଖାଅଛି, "ଈଶ୍ୱର

ଧାର୍ମିକତା ପ୍ରକାଶ କରିବା ନିମନ୍ତେ ତାହାଙ୍କୁ, ତାହାଙ୍କ ରକ୍ତରେ ବିଶ୍ୱାସ ଦ୍ୱାରା ପ୍ରାୟଶ୍ଚିତ୍ତ ବଳି ରୂପେ ପ୍ରଦର୍ଶନ କରିଅଛନ୍ତି । "(ରୋମୀୟ ୩:୨୫) କାରଣ "ରକ୍ତପାତ ବିନା ପାପମୋଚନ ହୁଏନାହିଁ ।" (ଏବ୍ରୀ ୯:୨୨) ଆପଣା ମୃତ୍ୟୁ ପୂର୍ବରୁ ଯୀଶୁଖ୍ରୀଷ୍ଟ ଶିଷ୍ୟମାନଙ୍କୁ କହିଲେ, "କାରଣ ଯେଉଁ ନିୟମର ରକ୍ତ, ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି । ଏ ମୋହର ସେହି ରକ୍ତ ।" (ମାଥିଉ ୨୬ : ୨୮) । ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଜୀବନ ଦାୟକ ତଥା ପାପମୋଚକ ।

ରକ୍ତର ବିଶିଷ୍ଟତା ବିଷୟରେ ଆମ୍ଭେମାନେ ଅଜ୍ଞ ନୋହୁ, କାରଣ ରକ୍ତ ହିଁ ଜୀବନ । କିନ୍ତୁ ମନୁଷ୍ୟର ରକ୍ତପାତରେ ପାପକ୍ଷମା ନାହିଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ରକ୍ତପାତ ଦ୍ୱାରା ଆମ୍ଭେମାନେ ଜୀବନ ପାଇ ଥାଉଁ । ବାକ୍ୟ କହେ । କିନ୍ତୁ ସେ ଯେପରି ଜ୍ୟୋତିର୍ନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି । ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।" (୧ମ ଯୋହନ ୧ : ୭) କଲସୀ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି, "ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରି ଅଛନ୍ତି । ତାହାଙ୍କ ଠାରେ ଆମ୍ଭେମାନେ ମୁକ୍ତି । ଅର୍ଥାତ୍ ପାପକ୍ଷମା ପାଇଅଛୁ । ସେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ସମସ୍ତ ସୃଷ୍ଟିର ପ୍ରଥମ ଜାତ ।" (କଲସୀ ୧ : ୧୩-୧୫) ।

ନିଷ୍କଳଙ୍କ ମେଷଶାବକ ଯୀଶୁଖ୍ରୀଷ୍ଟଙ୍କ ରକ୍ତ କେବଳ ଆମ୍ଭମାନଙ୍କ ପାପ ଧୌତ କରିପାରେ । ପିତରଙ୍କ ଭାଷାରେ, "ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃ ପୁରୁଷମାନଙ୍କ ଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାରରୁ ରୁପା କି ସୁନାପରି କ୍ଷୟଣୀୟ ବସ୍ତୁଦ୍ୱାରା ମୁକ୍ତ ନ ହୋଇ, ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛ ।" (୧ମ ପିତର ୧ : ୧୮,୧୯) ।

ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ପ୍ରାୟଶ୍ଚିତ୍ତର ମୂଲ୍ୟ ପ୍ରଦାନ କରାଯାଇଅଛି । ତାହା ଭୌତିକ ସୁନା ରୁପାରେ ନୁହେଁ । କିନ୍ତୁ ସଦାପ୍ରଭୁଙ୍କ

ଅତି ଶ୍ରେୟସ୍କର ଯୀଶୁଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତ । ଯିଶାଇୟ ଭବବାଣୀ କହନ୍ତି "ତୁମ୍ଭେମାନେ ବିନାମୂଲ୍ୟରେ ବିକ୍ରୀତ ହୋଇଥିଲ, ଆଉ ବିନାମୂଲ୍ୟରେ ମୁକ୍ତ କରାଯିବ ।" (ଯିଶାଇୟ ୫୨ : ୩) । ତାହାଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଆମ୍ଭେମାନେ ତାହାଙ୍କ ନିକଟବର୍ତ୍ତୀ ହୋଇ ପାରୁ ଥାଉଁ ।

ଆମ୍ଭମାନଙ୍କ ପାପ ଧୌତ କରିବା ନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶରୀର ବଳିଦାନ ରୂପେ ଉତ୍ସର୍ଗ କରିଥିଲେ ବୋଲି ଆମ୍ଭେମାନେ ସମସ୍ତେ ଜାଣୁ । କିନ୍ତୁ ସେ ପୁନର୍ବ ଜୀବିତ ହୋଇ ନ ଥିଲେ ତାହାଙ୍କ ରକ୍ତ ମୂଲ୍ୟହୀନ ହୋଇ ଥାନ୍ତା । ମୃତ୍ୟୁଞ୍ଜୟୀ ଯୀଶୁଖ୍ରୀଷ୍ଟଙ୍କ ରକ୍ତର ଶକ୍ତିରେ ଆମ୍ଭମାନଙ୍କ ମୁକ୍ତି । କାରଣ ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି "କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ବୋଲି ଶକ୍ତି ସହ ନିର୍ଦ୍ଦିଷ୍ଟ ହେଲେ ।" (ରୋମୀୟ ୧ : ୪) ପ୍ରେରିତ ପିତରଙ୍କ ଅନୁଯାୟୀ । ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ, ସେ ମୃତମାନଙ୍କ ମଧ୍ୟରୁ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍-ଥାନ ଦ୍ୱାରା ଜୀବନଦାୟକ ଭରସା ପ୍ରାପ୍ତି ନିମନ୍ତେ, ଅର୍ଥାତ୍ ଯେଉଁ ଅକ୍ଷୟ ଅକଳଙ୍କିତ ଅଜର ଅଧିକାର ତୁମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ସଞ୍ଚିତ ହୋଇଅଛି, ତାହା ପାଇବା ନିମନ୍ତେ ଆପଣାର ମହାଦୟାରେ ଆମ୍ଭ-ମାନଙ୍କୁ ପୁନର୍ଜନ୍ମ ଦେଇ ଅଛନ୍ତି ।" (୧ମ ପିତର ୧ : ୨-୪) ତାହାଙ୍କ ପୁନର୍ଉତ୍ଥାନ ବିନା ପାପୀ ମନୁଷ୍ୟର ମୁକ୍ତି ନାହିଁ । "ସେହି ଯୀଶୁ ଆମ୍ଭମାନଙ୍କ ଅପରାଧ ନିମନ୍ତେ ସମର୍ପିତ ହେଲେ । ପୁଣି ଆମ୍ଭେମାନେ ଧାର୍ମିକ ଗଣିତ ହେବା ନିମନ୍ତେ ଉତ୍ଥାପିତ ହେଲେ ।" (ରୋମୀୟ ୪ : ୨୫) ।

ଯୀଶୁଖ୍ରୀଷ୍ଟ ଯଦି ପୁନର୍ଜୀବିତ ହୋଇ ନଥାନ୍ତେ, ପୁନର୍ଉତ୍ଥାନ ହିଁ ନଥାନ୍ତା । କାରଣ କୁହାଯାଏ । "ଏଣୁ ଖ୍ରୀଷ୍ଟ ଯେ ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହୋଇ ଅଛନ୍ତି । ଏହା ଯଦି ପ୍ରଚାର କରା ଯାଉଅଛି । ତେବେ ମୃତମାନଙ୍କର ପୁନରୁତ୍ଥାନ ନାହିଁ ବୋଲି ତୁମ୍ଭମାନଙ୍କ ମଧ୍ୟରୁ କେହି କେହି କିପରି କହନ୍ତି ? ଯଦି ମୃତମାନଙ୍କର ପୁନରୁତ୍ଥାନ ନାହିଁ, ତେବେ ଖ୍ରୀଷ୍ଟ ମଧ୍ୟ ଉତ୍ଥିତ ହୋଇ ନାହାନ୍ତି, ଆଉ, ଯଦି ଖ୍ରୀଷ୍ଟ ଉତ୍ଥିତ ହୋଇ ନାହାନ୍ତି, ତେବେ ତ ଆମ୍ଭମାନଙ୍କର ପ୍ରଚାର ବୃଥା, ତୁମ୍ଭମାନଙ୍କ ବିଶ୍ୱାସ ମଧ୍ୟ ବୃଥା ।" (୧ମ କରନ୍ଥୀ ୧୫ : ୧୨-୧୪) ।

ଅନେକ ଶତାବ୍ଦୀ ପୂର୍ବେ ପୁରାତନ ନିୟମର ଆୟୁବ ନାମକ ଏକ ଲେଖକ ପ୍ରଶ୍ନ କରିଥିଲେ । "ମନୁଷ୍ୟ ମଲେ କ'ଣ ପୁନର୍ବାର ବଞ୍ଚିବ (ଆୟୁବ ୧୪ : ୧୪) ଅନେକ ଶତାବ୍ଦୀର ଏହି ପ୍ରଶ୍ନର ଉତ୍ତର ଅନିଶ୍ଚିତ ଥିଲା । କିନ୍ତୁ ଯୀଶୁ ଖ୍ରୀଷ୍ଟ ତାହା ଦୂର କରି କହିଲେ, 'ମୁଁ ପୁନରୁତ୍ଥାନ ଓ ଜୀବନ ଯେ ମୋ'ଠାରେ ବିଶ୍ୱାସ କରେ ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ । ପୁଣି ଯେ କେହି ବଞ୍ଚେ ଓ ମୋ'ଠାରେ ବିଶ୍ୱାସ କରେ କଦାପି କେବେ ହେଁ ମରିବ ନାହିଁ । ଏହା କି ବିଶ୍ୱାସ କରୁଅଛ ?" (ଯୋହନ ୧୧ : ୨୫,୨୬) ପୁନର୍ବାର ସେ କହନ୍ତି ।" ଏଥିରେ ଚମତ୍କୃତ ହୁଅନାହିଁ, କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି, ସେମାନେ ଜୀବନର ପୁନରୁତ୍ଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରି ଅଛନ୍ତି, ସେମାନେ ଦଣ୍ଡର ପୁନରୁତ୍ଥାନ ନିମନ୍ତେ ବାହାର ହୋଇ ଆସିବେ, ଏପରି ସମୟ ଆସୁ ଅଛି ।" (ଯୋହନ ୫ : ୨୮,୨୯) ।

ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ପ୍ରତ୍ୟେକ ବ୍ୟକ୍ତି ତାହାଙ୍କ ପୁନରୁତ୍ଥାନରେ ବିଶ୍ୱାସ କରିବା ସ୍ୱାଭାବିକ ତାହାଙ୍କ ସମାଧି ଶୂନ୍ୟଥିଲା ବୋଲି କହି କେତେକ ନାସ୍ତିକ ବର୍ଗର ଲୋକେ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ବିଷୟରେ ସନ୍ଦେହ ଓ ସମାଲୋଚନାର ବୀଜ ବୁଣନ୍ତି । ଯଦି କେହି ତାହାଙ୍କ ଶରୀର ଚୋରି କରି ନେଇ ଯାଇଥାନ୍ତା । ତାହାଙ୍କ ମୃତ ଶରୀର ତାଙ୍କର ପୁନରୁତ୍ଥାନର ଦାବୀ ମିଥ୍ୟା ବୋଲି ପ୍ରମାଣ କରିପାରି ଥା'ନ୍ତା । କିନ୍ତୁ ରୋମୀୟ ସୈନ୍ୟମାନଙ୍କ ଦ୍ୱାରା ମୁଦ୍ରାଙ୍କିତ ପ୍ରସ୍ତର ଦଳମାନଙ୍କ ଦ୍ୱାରା ସୁରକ୍ଷିତ ଖ୍ରୀଷ୍ଟଙ୍କ ଶରୀରକୁ କିଏ ଚୋରି କରି ପାରେ ! ସେ ମୃତ୍ୟୁକୁ ଜୟ କରି ପୁନରୁତ୍ଥିତ ହୋଇଥିଲେ । ତାହାଙ୍କ ପୁନରୁତ୍ଥାନରେ ବିଶ୍ୱାସ ନକରି ତାହାଙ୍କଠାରେ ବିଶ୍ୱାସ କରିବା ବୃଥା ।

—MARIEL WAYNE MITCHELL

# SOME THINGS THAT SHOULD BE FOUND IN EVERY HOME
## PROV. 22:6

INTRODUCTION :

1. The home is one of the greatest institutions in all the world and that cannot be denied.
2. The home is no worse than man and no better than man.
3. Certain things should be found within each home if it is going to be the kind of home that it should be.
4. Please consider the following things.

DISCUSSION :

**A. Some things that should be found in every home.**

1. Christian parents (Eph. 6:1).
2. A daily Bible study (2Tim. 2:15).
3. Daily prayer (Lk. 18:1).
4. Offering thanks at every meal (Phil. 4:6).
5. Love for one another (Col. 3:18-21).
6. A deep faith in God (Heb. 11:1-6).
7. Respect for one another (Eph. 6:1-4).
8. Godly living (Tit. 2:12).
9. Wholesome activities (Rom. 12:9).
10. Work or good works (Phil. 2:12).
11. Joy and happiness (1 Thess. 5:16).
12. Hope in this world and beyond (Tit. 1:2).

**B. What kind Of a Home Do You Have?**

1. Do you have a Christian home ?
2. Do you have a godly home?
3. What are you doing to make your home the kind of home that should be?
4. Is your home an asset to the community?

5. Does your home help to strengthen the church?
6. Do you have the kind of home that God is pleased with?

**C. Impove Your Home.**

1. Add these things that have been suggested.
2. Let God live with you and direct you along life's way
3. Follow the divine plan.

CONCLUSION :

1. There are many broken homes as a result of leaving God out.
2. The Lord would have every home to be successful.
3. As an individual work on the things that have been suggested.
4. The Lord will bless your labors, and moreover, he will bless a Christian home.

**- J. C. Choate.**

From
**SATYA VANI**
P.o. Box 80
KAKINADA - 533 001

Printed Book only

To

(FOR PRIVATE CIRCULATION ONLY)